## କେନ୍ଦୁପତ୍ର ବନପାଳଙ୍କ ହିଟ୍‌ଲରୀ ଶାସନରେ କର୍ମଚାରୀ ଅତିଷ୍ଠ




**ବାଲିଗୁଡ଼ା, ୯।୫(ସମିସ)**

ବାଲିଗୁଡ଼ା କେନ୍ଦୁପତ୍ର ବନପାଳ ସୁଜିତ କୁମାର ସାମଲଙ୍କ ହିଟଲର ଶାସନରେ ଅଞ୍ଚଳର ଫଡି ସାଥୀ ଓ ମୁନିସି ଅତିଷ୍ଠ ହୋଇପଡ଼ିଥିବା ଅଭିଯୋଗ କରିଛନ୍ତି ପଶ୍ଚିମ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳି ସଂଘ। ବହୁଦିନ ହେଲା ଏନେଇ ଏକ ଅଭିଯୋଗ ପତ୍ର ବନଖଣ୍ଡ ଅଧିକାରୀଙ୍କୁ ଦେଇଥିଲେ ମଧ କୌଣସି ସୁଫଳ ମିଳିନଥିବା କହିଛନ୍ତି ସଂଘର ବାଲିଗୁଡ଼ା ସଭାପତି ଅକ୍ଷୟ କୁମାର ବେହେରଦଳାଇ। ଅଭିଯୋଗ ଅନୁଯାୟୀ ବର୍ତ୍ତମାନ କେନ୍ଦୁପତ୍ର ସଂଗ୍ରହ ନିମନ୍ତେ ନୂତନ ଫଡିଗୃହ ନିର୍ମାଣ ଓ ମରାମତି କରାଯାଉଛି। ସେଥି ନିମନ୍ତେ ସରକାରଙ୍କ ତରଫରୁ ଅନୁଦାନ ଥିଲେ ମଧ ଫଡିସାଥୀ ଓ ମୁନିସିଙ୍କୁ ଜୋର୍ ଜବରଦସ୍ତ ମାଗଣାରେ ବିଭିନ୍ନ ଅନଧିକୃତ ଶ୍ରମ କାମ କରିବାକୁ ବାଧ କରୁଥିବା ଅଭିଯୋଗ ହୋଇଛି। ଶ୍ରମିକଙ୍କୁ ଖାଲି କାଗଜରେ ଦସ୍ତଖତ କରିବାକୁ ବାଧ କରିବା ଏବଂ ଦସ୍ତଖତ ନ କଲେ ମଷ୍ଟର ରୋଲରେ ଅନୁପସ୍ଥିତ କରିଦେବେ ବୋଲି ଧମକ ଦେଉଥିବା ମଧ ଅଭିଯୋଗ କରିଛନ୍ତି। ଏହି ସବୁକୁ ବିରୋଧ କରିବା ଯୋଗୁଁ ଜଣେ କର୍ମଚାରୀଙ୍କ ଗତ ଏପ୍ରିଲ ମାସରେ ଦୁଇ ଦିନର ଦରମା ବନ୍ଦ କରିଦେଇଥିବା ମଧ ପ୍ରକାଶ କରିଛନ୍ତି

- କଥା କହିଲେ ଦରମା କାଟ
- ଖାଲି କାଗଜରେ ଦସ୍ତଖତ କରିବାକୁ ବାଧ କରୁଛନ୍ତି

ସଂଘ ସଭାପତି। ଏହି ସବୁ ଘଟଣା ଲିଖିତ ଆକାରରେ ଏକ ଅଭିଯୋଗ ଦେଇଥିଲେ ମଧ କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀ ଗ୍ରହଣ କରି ଚୁପ ବସିଥିବା ସଂଘର କର୍ମଚାରୀ କହିଛନ୍ତି। କାହା ସାହାସରେ କେନ୍ଦୁପତ୍ର ବନପାଳ ସୁଜିତ କୁମାର ସାମଲ ବହୁ ଦିନ ହେଲା ଏହି ହିଟଲର ଶାସନ ଚଳାଇଛନ୍ତି ବୋଲି ପ୍ରଶ୍ନ କରିବା ସହ ଏହାର ତଦନ୍ତ କରି ଉଚିତ ପଦକ୍ଷେପ ଯଥାଶୀଘ୍ର ଗ୍ରହଣ କରାନଗଲେ ଏହା ଆନ୍ଦୋଳନର ରୂପ ନେବ ବୋଲି ପଶ୍ଚିମ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳି ସଂଘର ଓଡ଼ିଶା ଜେନେରାଲ ସେକ୍ରେଟାରୀ କହିଛନ୍ତି ସୁରେଶ ମହାନନ୍ଦ।

## ଅଷ୍ଟମ ଶ୍ରେଣୀ ଇତିହାସ ବହିରେ 'ପାରଳା ଲଲାମ'




**ପାରଳାଖେମୁଣ୍ଡି, ୯।୫(ସମିସ):** ବିଶିଷ୍ଟ ଗବେଷକ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଲିଖିତ 'ପାରଳା ଲଲାମ ଭାରତର ପ୍ରଥମ ସ୍ୱାଧିନତା ସଂଗ୍ରାମ' ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଛି। ଏଥିରେ କିଛି ଲୋମହର୍ଷଣ କାହାଣୀ ରହିଛି ଯେଉଁଠି ବ୍ରିଟିଶ ସରକାର ବିରୋଧରେ ଦକ୍ଷିଣ ଓଡ଼ିଶାର ପ୍ରମୁଖ ଜିଲ୍ଲା ସହ ବର୍ତ୍ତମାନର ଗଜପତି ଜିଲ୍ଲାର ସଉରା, ଦୋରା ଓ ବିଶୋଇ ସମ୍ପ୍ରଦାୟର ଲୋକଙ୍କ ଯୁଦ୍ଧର ବିବରଣୀ ରହିଛି। ଗଜପତି ଜିଲ୍ଲାର ହନୁ ପ୍ରଧାନଙ୍କ ନାମ ଲିପିବଦ୍ଧ ହୋଇଛି। ତାହାର ସମ୍ପୂର୍ଣ୍ଣ ବିବରଣୀ ବିଭିନ୍ନ ଅକାଟ୍ୟ ପ୍ରମାଣ ସହ ଉକ୍ତ ବହିରେ ଉଲ୍ଲେଖ ରହିଛି। ସେ ନିଜ ବଳିଷ୍ଠ ପ୍ରମାଣରେ ଦର୍ଶାଇଛନ୍ତି ପ୍ରଥମ ସ୍ୱାଧୀନତା ସଂଗ୍ରାମ ୧୮୫୭ ପୂର୍ବରୁ ଏହି ଐତିହାସିକ ମାଟିରେ ହୋଇଥିଲା। ସୌଭଗ୍ୟର ବିଷୟ ଏହି ବହିର କିଛି ଅଂଶ ଓଡ଼ିଶା ସରକାର ଅଷ୍ଟମ ଶ୍ରେଣୀର ଇତିହାସ ପୁସ୍ତକରେ ଲିପିବଦ୍ଧ କରିଛନ୍ତି। ଏହା କେବଳ ଗଜପତି ଜିଲ୍ଲା ନୁହେଁ ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ। ପାରଳାଖେମୁଣ୍ଡିର ବିଶିଷ୍ଟ ଶିକ୍ଷାବିତ୍ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବିନୋଦ ଚନ୍ଦ୍ର ଜେନା କହିଛନ୍ତି, 'ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ

**ଗବେଷକ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ଶୁଭେଚ୍ଛାର ସୁଅ**

ଏହି ବିରଳ ଲେଖାକୁ ରାଜ୍ୟ ସରକାର ସ୍ୱୀକୃତି ଦେଇଥିବାରୁ ଆମେ କୃତଜ୍ଞ'। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ବିଚିତ୍ରାନନ୍ଦ ବେବର୍ତ୍ତା କହିଛନ୍ତି, 'ମହାପାତ୍ର ସାର୍ ଅଦ୍ୟାବଧି ନିଜ ଲେଖନୀ ଜାରୀ ରଖିଛନ୍ତି ଯାହା ଏହି ମାଟିର ଐତିହ୍ୟ ଓ ସଂସ୍କୃତି ପାଇଁ ଶ୍ରେଷ୍ଠ ସମ୍ମାନ'। ସେହିପରି ଆଉଜଣେ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରମୋଦ ଚନ୍ଦ୍ର ପାଢ଼ୀ ମନ୍ତବ୍ୟରେ କହିଛନ୍ତି, 'କେତୋଟି ଲୁକ୍କାୟିତ ଘଟଣାବଳୀକୁ ଲୋକଲୋଚନରେ ଆଣିବା ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କର ଶ୍ରେଷ୍ଠ ଅବଦାନ'।

## ନବବଧୂକୁ ହତ୍ୟା କରି ଘରେ ଟାଙ୍ଗିଦେଲେ

**ଦାରିଙ୍ଗବାଡି, ୯।୫(ସମିସ):** ଦାରିଙ୍ଗବାଡି ଥାନା କିରିକୁଟି ପଞ୍ଚାୟତ ମଧୁପଲି ଗ୍ରାମରେ ଘଟିଛି ଅଭାବବୀୟ ଘଟଣା। ବଧୂକୁ ହତ୍ୟା କରି ଘରେ ଝୁଲାଇ ଦେଲେ ଶଶୁର ଘର ଲୋକେ। ଏନେଇ ଥାନାରେ ମାମଲା ରୁଜୁ କରାଯାଇଥିବା ବେଳେ ଏସଆଇ ଲକ୍ଷ୍ମୀ ମାଝୀ ଘଟଣାର ତଦନ୍ତ କରୁଛନ୍ତି। ତିଲୋରୀ ଗ୍ରାମର ବଟକୃଷ୍ଣ ନାୟକଙ୍କ ଝିଅ ଝୁମା ନାୟକ କିରିକୁଟି ପଞ୍ଚାୟତ ମଧୁପଲି ଗ୍ରାମର ରାକେଶ ପାତ୍ରଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର ୮ ମାସ ହୋଇ ନଥିବା ବେଳେ ବଧୂ ହତ୍ୟା ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଝିଅକୁ ହତ୍ୟା କରି ଘରେ ଝୁଲାଇ ଦେଇଥିବା ଝୁମାଙ୍କ ପରିବାର ଲୋକ ଥାନାରେ ଏତଲା ଦେଇଛନ୍ତି। ପୁଲିସ ଶବ ଜବତ କରିଛି। ରବିବାର ଦିନ ଶବ ବ୍ୟବଚ୍ଛେଦ ହେବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ହତ୍ୟାର କାରଣ ଜଣାପଡ଼ିନାହିଁ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟା ନା ଆତ୍ମହତ୍ୟା ଜଣାପଡ଼ିବ ବୋଲି ପୁଲିସ କହିଛି।

## ଅଜଣା ଗାଡ଼ି ଧକ୍କାରେ ବାଇକ୍ ଚାଳକ ମୃତ

**ବ୍ରାହ୍ମଣୀଗାଁ ୯।୫(ସମିସ):** ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁର ପ୍ରାୟ ୫ କିମି ଦୂର ବାଡୁନ ଘାଟିରେ ବାଇକକୁ ଅଜଣା ଗାଡି ଧକ୍କା ଦେବା ଫଳରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଦେକାପଙ୍କା ଗ୍ରାମର ଦିବ୍ୟରଞ୍ଜନ ବଳିୟାରସିଂ (୩୫) ଓ ବୁଲୁ ପରିଛା (୩୫) କିଛି ଜିନିଷ କିଣିବା ପାଇଁ ବ୍ରାହ୍ମଣୀଗାଁକୁ ବାଇକରେ ଆସି ଫେରୁଥିବା ସମୟରେ ଦିନ ଗୋଟାଏ ବେଳେ କୌଣସି ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଏଥିରେ ଦିବ୍ୟରଞ୍ଜନଙ୍କ ମୃତ୍ୟୁ ହୋଇଥିବା ବେଳେ ବୁଲୁ ପରିଛା ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ସେବା ନଥିବା କାରଣରୁ ନିଜ ବ୍ୟବସ୍ଥାରେ ଗୁରୁତର ଆହତ ବ୍ୟକ୍ତିଙ୍କୁ ବ୍ରାହ୍ମଣୀଗାଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ବ୍ରାହ୍ମଣୀଗାଁ ପୁଲିସ ବାଇକକୁ ଜବତ କରି ଘଟଣାଟିର ତଦନ୍ତ କରୁଛି।

## ଘାଈରୁ ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହ ଉଦ୍ଧାର

**ମୋହନା, ୯।୪(ସମିସ):** ମୋହନା ଥାନା ଅନ୍ତର୍ଗତ ଶଗଡ଼ା ଘାଇ ମଧ୍ୟରୁ ଜଣେ ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହ ଶନିବାର ଉଦ୍ଧାର କରାଯାଇଛି। ମୃତ ବ୍ୟକ୍ତିଙ୍କ ପରିଚୟ ଜଣା ପଡ଼ିନଥିବା ବେଳେ ଚନ୍ଦ୍ରଗିରି ଫାଣ୍ଡି ପୁଲିସ ଶବକୁ ଜବତ କରି ଅଧିକ ତଦନ୍ତ ଚଳାଇଛି। ଆଜି ସକାଳେ ଗ୍ରାମର କିଛି ବ୍ୟକ୍ତି ସେହି ଘାଇକୁ ଯାଇଥିବା ବେଳେ ମୃତଦେହ ଭାସୁଥିବା ଦେଖି ପୁଲିସକୁ ଜଣାଇଥିଲେ। ପୁଲିସ ଓ ମୋହନା ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିଛନ୍ତି। ଶବ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡକାଲ ପଠାଯାଇଥିବା ପୁଲିସ୍ ସୂଚନା ଦେଇଛି।

## ଭୁଶୁଡ଼ି ଥିବା ଗ୍ରାମରାସ୍ତା ଅନୁଧ୍ୟାନ କଲେ ବିଧାୟକ

ପାରଳାଖେମୁଣ୍ଡି, ୯।୫(ସମିସ): କାଶୀନଗର ବ୍ଲକ ଖାରଡା ପଞ୍ଚାୟତ ଧନସରା ଗ୍ରାମର ମୁଖ୍ୟ ରାସ୍ତା ଓ ଲାଗିରହିଥିବା ପାଚେରୀ ଭୁଶୁଡ଼ି ପଡ଼ିଛି। ସ୍ଥାନୀୟ ସରପଞ୍ଚ ଅଖିଳ ପାତ୍ର ଓ ଗ୍ରାମବାସୀ ବିଧାୟକଙ୍କୁ ଅବଗତ କରିଥିଲେ। ସମସ୍ୟା ଜାଣିବା ମାତ୍ରେ ସ୍ଥାନକୁ ଯାଇ ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ବୁଲି ଦେଖିଛନ୍ତି। ଅତି ଶୀଘ୍ର ଏହି ରାସ୍ତା କାମ



କରାଯିବ ବୋଲି ବିଧାୟକ ଗ୍ରାମବାସୀଙ୍କୁ କହିବା ସହ ବିଭାଗୀୟ ଅଧିକାରୀଙ୍କୁ ଚିଠି କରିବେ ବୋଲି ଜଣାଇଛନ୍ତି। ଏହି ରାସ୍ତା ଖରାପ ହେବାରୁ ଗ୍ରାମବାସୀ, ଛାତ୍ରଛାତ୍ରୀ, ରୋଗୀ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ସ୍ଥାନୀୟ ଲୋକେ ଜଣାଇଥିଲେ।

**ମା ଗଙ୍ଗାବାହିନୀ ଯାତ୍ରା**

## ଦ୍ୱିତୀୟ ଦିନରେ ଘଟ ପରିକ୍ରମା



**ଗୋଷାଣି, ୯।୫(ସମିସ):** ଗୋଷାଣି ବ୍ଲକ ଜଙ୍ଗଲପାଡୁ ଗ୍ରାମରେ ବୈଶାଖ-ଜ୍ୟେଷ୍ଠ ଶୁକ୍ଳ ପକ୍ଷରେ ଆରମ୍ଭ ହୋଇଥିବା ମା ଗଙ୍ଗା ବାହିନିଙ୍କ ଯାତ୍ରାର ଦ୍ୱିତୀୟ ଦିନରେ ଘଟ ପରିକ୍ରମା ହୋଇଛି। ଏଥିଲାଗି ସମଗ୍ର ଗ୍ରାମାଞ୍ଚଳ ଚଳଚଞ୍ଚଳ ହୋଇପଡ଼ିଥିବା ବେଳେ ଅତ୍ୟନ୍ତ ଭକ୍ତିପୂତ ସହ ପୂଜାର୍ଚ୍ଚନା କରାଯାଇଥିଲା। ଶୁକ୍ରବାର ଦିନ ମାଙ୍କୁ ଆବାହାନ କରାଯାଇ ନୀତିନିୟମ ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ମାଙ୍କୁ ଅସ୍ଥାୟୀ ମନ୍ଦିରକୁ ଅଣାଯାଇଥିଲା। ଆଜି ଦ୍ୱିତୀୟ ଦିନରେ ମାଙ୍କୁ ପ୍ରାତଃ ୫ ଘଣ୍ଟା ସମୟରେ ବାଳଭୋଗ ଅର୍ପଣ କରାଯାଇଥିଲା। ପରେ ସମସ୍ତ ଘଟ ଧରିବା ମହିଳା ପୂଜା କରିବା ପରେ ଅସ୍ଥାୟୀ ମନ୍ଦିରରେ ଘଟ ରଖାଯାଇଥିଲା। ସନ୍ଧ୍ୟାରେ ମାନସିକଧାରୀ ମହିଳା ଘଟ ଧରି ଗ୍ରାମ ପରିକ୍ରମା କରିଥିଲେ। ପ୍ରତ୍ୟେକ ଘର ପାଖରେ ମା'ଙ୍କ ଗୋଡ଼ ଧୋଇ ନିଜ ନିଜର ମାନସିକ ପୂରଣ ପାଇଁ ପୂଜା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପୌରାଣିକ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଆଜି ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗରର ଭାରତ ଲୀଳା ପରିବେଷଣ ହୋଇଥିଲା।

## ପୂର୍ବ ସୈନିକ ସଂଘ କାମୟାବୀର ସଚେତନତା ଶିବିର

**ଟିକାବାଲି, ୯।୫(ସମିସ):** ଟିକାବାଲି ବ୍ଲକ ଗଦଗୁଡ଼ା ପଞ୍ଚାୟତ ସଭାଗୃହରେ କାମୟାବୀ ପୂର୍ବ ସୈନିକ ସଂଘ ଟିକାବାଲି ଓ ଚକାପାଦ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ମେଜର ନବୀନ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ଅଞ୍ଚଳର ଶତାଧିକ ଅବସରପ୍ରାପ୍ତ ସୈନିକ ଯୋଗ ଦେଇ ଦେଶ ପ୍ରେମ ସଂକଳ୍ପକୁ ଦୋହରାଇଥିଲେ। କାର୍ଯ୍ୟକ୍ରମରେ ଗଦଗୁଡ଼ା ସରପଞ୍ଚ ପୁଷ୍ପଲତା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବ ସୈନିକଙ୍କ ସେବା ଓ ତ୍ୟାଗର ପ୍ରଶଂସା କରିବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ମାନବ ଅଧିକାର ଉପଦେଷ୍ଟା ଆଶିଷ ନାୟକ, ଯୋଗାଣ ସହାୟକ ଓ ନାଏବ ସରପଞ୍ଚ ଉପସ୍ଥିତ ଥିଲେ। ବିଶେଷକରି ସ୍ଥାନୀୟଅଞ୍ଚଳର ଯୁବକ କିଭଳି ଅଧିକ ସଂଖ୍ୟାରେ ଭାରତୀୟ



ସୁରକ୍ଷା ବାହିନୀ ଓ 'ଅଗ୍ନିବୀର' ଯୋଜନାରେ ସାମିଲ ହୋଇପାରିବେ ସେଥିପାଇଁ ସଂଘ ପକ୍ଷରୁ ମନୋବଳ ବୃଦ୍ଧି ନିମନ୍ତେ ପରାମର୍ଶ ଦିଆଯାଇଥିଲା। ସହିଦ ବୀର ସୈନିକଙ୍କ ପରିବାର, ବୀରନାରୀ ଏବଂ ଅବସରପ୍ରାପ୍ତ ସୈନିକ କିଭଳି ସରକାରୀ ସହାୟତା ଓ ବିଭିନ୍ନ କଲ୍ୟାଣକାରୀ ଯୋଜନାର ସୁଫଳ ପାଇପାରିବେ ସେ ଦିଗରେ ସଂଘ ସହାୟକ ସାଜିବା ସମ୍ପର୍କରେ ଆଲୋଚନା ହୋଇଥିଲା। ସଂଘ ସମ୍ପାଦକ ସୁବେଦାର ରମେଶ ଦିଗାଲ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କୋଷାଧକ୍ଷ ହାବିଲଦାର ଭ୍ରମରବର ଦିଗାଲ, ଉପସଭାପତି ନାଏକ ସୁବେଦାର ସୁରେଶନ ବାଘ ଓ ଉପଦେଷ୍ଟା କ୍ୟାପଟେନ ବଳରାମ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଶିବିରରେ ଶତାଧିକ ପୂର୍ବତନ ସୈନିକ ଯୋଗ ଦେଇଥିଲେ।

## କାର୍ ସହ ୭୫ କିଲୋ ଗଞ୍ଜେଇ ଜବତ; ଜଣେ ଗିରଫ



**ଫିରିଙ୍ଗିଆ, ୯।୫(ସମିସ):** ଗଞ୍ଜେଇ ଚାଲାଣ କରୁଥିବା ସମୟରେ ଖବରପାଇ ଫିରିଙ୍ଗିଆ ପୁଲିସର ଏକ ସ୍ୱତନ୍ତ୍ର ଟିମ ଚଢ଼ଉ କରି ଏକ କାର ସହ ୭୫ କିଲୋ ଗଞ୍ଜେଇକୁ ଜବତ କରିଛି। ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ଅନ୍ୟ କିଛି ଗଞ୍ଜେଇ ମାଫିଆ ଫେରାର ହୋଇଯାଇଥିବା ସୂଚନା ମିଳିଛି। ପୁଲିସର ସୂଚନା ଅନୁସାରେ, ଶୁକ୍ରବାର ସକାଳ ୬ ଟାରେ ଏକ କାର୍‌ରେ କିଛି ମାଫିଆ ଗଞ୍ଜାମ ଜିଲ୍ଲାର କୋଦଳା ଅଞ୍ଚଳକୁ ଗଞ୍ଜେଇ ଚାଲାଣ କରୁଥିବା ସୂଚନା ମିଳିଥିଲା। ଥାନା ଅଧିକାରୀ ମୁରଲୀଧର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ପୁଲିସ ଟିମ ଫିରିଙ୍ଗିଆ ଥାନା ଭୃଙ୍ଗିଯୋଡି ଛକ ନିକଟରେ ଗଞ୍ଜେଇ ଭର୍ତ୍ତି କାରକୁ କାବୁ କରିଥିବାବେଳେ ପୁଲିସକୁ ଦେଖି କିଛି ମାଫିଆ ଫେରାର ହୋଇଯାଇଥିଲେ। ଜଣକୁ ପୁଲିସ ଜଣକୁ କାବୁ କରିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କାରରେ ଥିବା ଗଞ୍ଜେଇକୁ ଓଜନ କରାଯାଇଥିଲା। ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତକୁ ଗଞ୍ଜେଇ ଓ ଜବତ କାର ସହ କୋର୍ଟ ଚାଲାଣ କରାଯାଇଥିଲା। ଗିରଫ ଅଭିଯୁକ୍ତ ଜଣକ ଖଜୁରିପଡ଼ା ଥାନା ବଲସକୁମ୍ପା ଗାଁର ରାକେଶ ବେହେରା ବୋଲି ଜଣାପଡ଼ିଛି।

## ବିଶ୍ୱ ରେଡ଼କ୍ରସ ଦିବସ ପାଳିତ



**ଫିରିଙ୍ଗିଆ, ୯।୫(ସମିସ):** ରେଡକ୍ରସର ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟଙ୍କ ଜନ୍ମଦିନ ଅବସରରେ ଆଜି ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁବ ରେଡ଼କ୍ରସ ଆନୁକୂଲ୍ୟରେ ଓ ଭାରତୀୟ ରେଡ଼କ୍ରସ ସୋସାଇଟି, ଓଡ଼ିଶା ଶାଖା ସହଯୋଗରେ ଫୁଲବାଣୀ କେନ୍ଦୁପଦରସ୍ଥିତ ଉତ୍କଳ ବାଳାଶ୍ରମ ଓ ଗୁଡ଼ାରୀର ସାଧନରେ ବିଶ୍ୱ ରେଡ଼କ୍ରସ ଦିବସ ପାଳିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ସୁବାସ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନ ଓ ଓଡ଼ିଶା ରେଡ଼କ୍ରସ ଶାଖା ସଚିବ ଗଣେଶ ଚନ୍ଦ୍ର ପାତ୍ର, ରାଜ୍ୟ ଯୁବ ରେଡ଼କ୍ରସ ଅଧିକାରୀ ରମେଶ ଚନ୍ଦ୍ର ବେହେରାଙ୍କ ସହଯୋଗରେ ବାଳାଶ୍ରମ ଓ ସାଧନର ଅନ୍ତେବାସୀଙ୍କୁ ଶୁଖିଲା ଖାଦ୍ୟ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ପାଠ୍ୟ ଉପକରଣ ଏହି ଅବସରରେ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଫୁଲବାଣୀ ଉପଜିଲ୍ଲାପାଳ ଭିକାରି ଚରଣ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟ ରଞ୍ଜନ ପାତ୍ର ଯୋଗ ଦେଇଥିଲେ। ଜିଲ୍ଲା ଯୁବ ରେଡ଼କ୍ରସ ସଚିବ ଡ଼.ଅଭିସ୍ୱା ବଳ ପରିଚାଳନା କରିଥିଲେ। ବାଳାଶ୍ରମର ଅଧୀକ୍ଷକ ଶ୍ରଦ୍ଧାଞ୍ଜଳି ରାଉତ ଓ ସାଧନର ଏସ. ଏସ ପଲରାଜ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ।

**ଗଜପତିରେ ୨ୟ ଜାତୀୟ ଲୋକ ଆଦାଲତ**

## ୧୧୬୬ ମାମଲାର ସମାଧାନ

**ପାରଳାଖେମୁଣ୍ଡି, ୯।୫(ସମିସ):** ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଜି ଗଜପତି ସିଭିଲ କୋର୍ଟ ପରିସରରେ ଏବଂ ଆର୍. ଉଦୟଗିରି, ମୋହନା ଓ କାଶୀନଗରରେ ଦ୍ୱିତୀୟ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଗଜପତି ଜିଲ୍ଲା ଦୌରାଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଅଦାଲତର ନ୍ୟାୟିକ ଅଧିକାରୀ ନିଜ ନିଜ ଅଦାଲତରେ ଲୋକ ଆଦାଲତ ପରିଚାଳନା କରିଥିଲେ। ଉପସ୍ଥିତ ନ୍ୟାୟିକ ଅଧିକାରୀ ହେଲେ ପରିବାର ଅଦାଲତର ଜଜ ଡ଼. ଜୀବନଜ୍ୟୋତି ରଥ, ଅତିରିକ୍ତ ଜିଲ୍ଲା ଦୌରାଜଜ୍ ବିଭୁ ପ୍ରସାଦ ପଣ୍ଡା, ସି.ଜେ.ଏମ୍ ଗଜପତି ସ୍ୱପ୍ନାଶ୍ରୀ ନାୟକ, ପାରଳାଖେମୁଣ୍ଡି ସିଭିଲ ଜଜ (ସିନିୟର ଡିଭିଜନ) ସୁଦାମ ଚରଣ ଦାଶ, ରେଜିଷ୍ଟ୍ରାର, ସିଭିଲ କୋର୍ଟ ସତ୍ୟବ୍ରତ ରଣା, ଆଇନ ସେବା ପ୍ରାଧିକରଣ ସଚିବ



ବିମଳ ରାଉଳ, ସିଭିଲ ଜଜ ମହିଳା ଅଦାଲତ ପାରଳାଖେମୁଣ୍ଡି ରଶ୍ମିତା ସାହୁ, ପାରଳାଖେମୁଣ୍ଡି ଏସଡିଜେଏମ୍ ଗାୟତ୍ରୀ ମିଶ୍ର, ଜେଏମ୍ଏଫସି ସତ୍ୟଜିତ ପାଣି, ଆର୍. ଉଦୟଗିରି ସିଭିଲ ଜଜ (ସିନିୟର ଡିଭିଜନ) ସୌଦାମିନୀ ବିଶ୍ୱାଳ, ଆର୍.ଉଦୟଗିରି ଜେଏମ୍ଏଫସି ଶୁଭଙ୍କର ମହାନ୍ତି, ମୋହନା ଜେଏମ୍ଏଫସି ବିକାଶ କିରଣ ମିଶ୍ର, କାଶୀନଗର ଗ୍ରାମ୍ୟ ନ୍ୟାୟାଧିକାରୀ ତଥା ଜେଏମ୍ଏଫସି ମୋନାଲି ବେହେରା। ଜାତୀୟ ଲୋକ ଆଦାଲତରେ ବ୍ୟାଙ୍କ, ଆରଟିଓ, ଟିପିଏସଓଡିଏଲ୍ ଓ ଅନ୍ୟାନ୍ୟ ଷ୍ଟେକ୍‌ହୋଲ୍ଡର ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏହାସହ ପାରଳାଖେମୁଣ୍ଡି ବାର ଆସୋସିଏସନ୍‌ର ସଭାପତି ରାମକୃଷ୍ଣ ନାୟକ, ସମ୍ପାଦକ କାଶୀନାଥ ଦାଶ ଓ ବାରର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ଲୋକ ଆଦାଲତରେ ୧୮୪୯ଟି ମାମଲା ଗ୍ରହଣ କରାଯାଇଥିବା ବେଳେ ୧୧୬୬ମାମଲାର ସମାଧାନ କରାଯାଇଥିଲା। ଏଥିସହ ମୋଟ ୨୮, ୭୮, ୬୪୮ ଟଙ୍କା ଜରିମାନା ଆଦାୟ ତଥା ଫଇସଲା କରାଯାଇଛି

## ପାରଳାଖେମୁଣ୍ଡିରେ ବଢୁଛି ପାଇପ୍ ମିଟର ଚୋରି

**ପାରଳାଖେମୁଣ୍ଡି, ୯।୫(ସମିସ)**

ପାରଳାଖେମୁଣ୍ଡିରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲଗାଯାଉଥିବା ପାନୀୟ ଜଳ ମିଟର ଚୋରି ବୃଦ୍ଧି ପାଇବାରେ ଲାଗିଛି। ସହରର କରଣସାହିରେ ଗତ ଡିସେମ୍ବର ମାସରେ ଏପରି ଚୋରି ଆରମ୍ଭ ହୋଇଥିବା ନଜରକୁ ଆସିଥିଲା। ଏହାପରେ ଦିନକୁ ଦିନ ପାଇପ

**ସିସିଟିଭିରେ କଏଦ ହେଲା ଚୋରି ଦୃଶ୍ୟ**

ମିଟର ଚୋରି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗତ ୬ ମାସ ମଧରେ ସହରର ବିଭିନ୍ନ ସାହିରେ ଏପରି ଚୋରି ଜାରି ରହିଥିବା ବେଳେ ଗତକାଲି ରାଜନହର ନିକଟସ୍ଥ ଏକ କ୍ଲିନିକ ପାଖରେ ଏବଂ ଦୋଳ ପୋଖରୀ ନିକଟସ୍ଥ ସାହିରେ ପାଇପ ମିଟର ଚୋରି ହୋଇଛି। ଆଜି ପାହାନ୍ତିଆ



ସମୟରେ ପାନୀୟ ଜଳ ଲାଗି ଘରକୁ ଘର ସଂଯୋଗୀକରଣ ହୋଇଥିବା ପାଇଲାଇନର ମିଟର ଦୁର୍ବୃତ୍ତ କାଟି ନେଇଥିବା ସାହି ବାସିନ୍ଦା କହିଛନ୍ତି। ଚୋରି ଘଟଣା ସିସିଟିଭିରେ କଏଦ ମଧ ଫଟୋଚିତ୍ର ଦେଖାଇଛନ୍ତି। ଦୁର୍ବୃତ୍ତ ଜଣକ ପାହାନ୍ତିଆ ୩ଟା ବେଳେ ପାଇପ ମିଟର କାଟୁଥିବା ଦେଖାଯାଉଛି। ଏପରି ମିଟର କାଟିବା ଦ୍ୱାରା ପାନୀୟ ଜଳ ଅପଚୟ ହେବା ସହ ରାସ୍ତାରେ ଭାସୁଛି। ଘଟଣାକୁ ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ପରେ ପାନୀୟଜଳ ପାଇପକୁ ପୁନଃ ସଂଯୋଗ କରାଯାଇଛି। ଏନେଇ ଜନସ୍ୱାସ୍ଥ୍ୟ ବିଭାଗର ଯନ୍ତ୍ରୀ ବିଷ୍ଣୁ ପ୍ରସାଦ ଅଗ୍ରୱାଲଙ୍କୁ ପଚାରିବାରେ ଏ ସମ୍ପର୍କରେ ୬ ମାସ ପୂର୍ବେ ପାରଳା ଥାନାରେ ଅଭିଯୋଗ କରାଯାଇଛି। ଆଜି ପର୍ଯ୍ୟନ୍ତ କୌଣସି ଦୁର୍ବୃତ୍ତ ଧରା ପଡ଼ିନାହାନ୍ତି। ଏପରି ଘଟଣା ଘଟିଲେ ତୁରନ୍ତ ପାନୀୟ ଜଳ ସଂଯୋଗୀକରଣ କରାଯାଉଛି। ଚୋରି ହେଉଥିବା ମିଟର ସମ୍ପର୍କରେ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ଅବଗତ ମଧ କରାଯାଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପରେ ଯେଉଁ ଯେଉଁ ମାନଙ୍କ ମିଟର ଚୋରି ହୋଇଛି ସେମାନଙ୍କୁ ମିଟର ଦେବାଲାଗି ବ୍ୟବସ୍ଥା ହେବ ବୋଲି କହିଛନ୍ତି।

